بسم اللہ الرحمن الرحیم

**ଖୁତ୍‌ବା ଜୁମା ୩୧ ମାର୍ଚ୍ଚ ୨୦୨୩ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ୍ (ୟୁ.କେ)**

**ପବିତ୍ର ମହାତ୍ମା ହ. ମସିହ୍ ମଉଦ୍ (ପ୍ରତିଶ୍ରୁତ ମସିହ୍ ଅ.ସ)ଙ୍କ ବ୍ରହ୍ମଜ୍ଞାନ ସମ୍ପନ୍ନ ଉପଦେଶାବଳୀ ପ୍ରକାଶରେ ପବିତ୍ର କୁରଆନ୍ କରୀମ୍‌ର ମାହାତ୍ମ୍ୟ, ମର୍ଯ୍ୟାଦା ଓ ଶ୍ରେଷ୍ଠତାର ବର୍ଣ୍ଣନା । ପ୍ରତ୍ୟେକ ଅହ୍‌ମଦିଙ୍କୁ ପ୍ରତ୍ୟେକ ପ୍ରକାରର ଅନିଷ୍ଟତା ଠାରୁ ସୁରକ୍ଷା ଲାଭ କରିବା ଓ ସଂସାରର ଅଯୋଗ୍ୟ ଲୋକମାନଙ୍କ ପାଇଁ ଶିକ୍ଷଣୀୟ ଉଦାହରଣ ପାଲଟିବା ନିମନ୍ତେ ପବିତ୍ର ରମଜାନ ମାସରେ ଦୁଆ କରିବା ନିମନ୍ତେ ହୁଜୁର ଅନଓ୍ୱରଙ୍କ ବିଶେଷ ଆହ୍ୱାନ ।**

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ଜାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ;- ଆଜିକାଲି ଆମେମାନେ ପବିତ୍ର ରମଜାନ ମାସ ଦେଇ ଅତିକ୍ରମ କରୁଛେ । ଏହି ମାସଟି ଏଭଳି ଏକ ମାସ ଯହିଁରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ । ମୁସଲମାନମାନେ ଓଷା ରଖିବା ସହିତ ଉପାସନା ପ୍ରତି ଅଧିକ ଧ୍ୟାନ ଦେଇଥାନ୍ତି । ଲୋକମାନେ ଉକ୍ତ ମାସରେ ପବିତ୍ର କୁରଆନ୍ ପାଠ କରିବା ଓ ଶୁଣିବା ପ୍ରତି ବିଶେଷ ଆଗ୍ରହ ପ୍ରକାଶ କରିଥାଆନ୍ତି । ଯଦି ଓଷାରୁ ପ୍ରକୃତ ରୂପେ ଲାଭବାନ ହେବାକୁ ଇଚ୍ଛୁକ ତେବେ ପବିତ୍ର କୁରଆନ୍ ପାଠ କରିବା ପ୍ରତି ଅଧିକ ଧ୍ୟାନ ଦେବା ଉଚିତ୍ । ରମଜାନ ସହିତ ପବିତ୍ର କୁରଆନ୍ କରୀମ୍‌ର ଏକ ବିଶେଷ ସଂପର୍କ ରହିଛି । ତତ୍‌ସଂପର୍କରେ ଅଲ୍ଲାଃତାଲା ପବିତ୍ର କୁରଆନ୍‌ରେ କୁହନ୍ତି: شَهۡرُ رَمَضَانَ الَّذِیۡۤ اُنۡزِلَ فِیۡهِ الۡقُرۡاٰنُ هُدًی لِّلنَّاسِ ଅର୍ଥାତ ପବିତ୍ର ରମ୍‌ଜାନ୍ ମାସ ହେଉଛି ସେହି ମାସ ଯହିଁରେ ପବିତ୍ର କରୁଆନ୍ ଅବତୀର୍ଣ୍ଣ ହୋଇଛି ଏବଂ ଏହା ସମଗ୍ର ମାନବ ଜାତି ନିମନ୍ତେ ମାର୍ଗଦର୍ଶନ ସଦୃଶକ ରୂପେ ଅବତୀର୍ଣ୍ଣ ହୋଇଛି ।

କେତେକ ଭରସାଯୋଗ୍ୟ ବର୍ଣ୍ଣନାରେ ଏହା ଉଲ୍ଲେଖ ରହିଛି ଯେ, ରମ୍‌ଜାନ୍ ମାସର ୨୪ ତାରିଖ ଦିନ ଆଁହଜରତ ସ.ଅଙ୍କ ଉପରେ ପ୍ରଥମ ଐଶୀବାଣୀ ଅବତୀର୍ଣ୍ଣ ହୋଇଥିଲା । ପ୍ରତ୍ୟେକ ରମ୍‌ଜାନ୍ ମାସରେ ହ. ଜିବ୍ରାଇଲ୍ ଅ.ସ ଆପଣ ସ.ଅଙ୍କ ସହିତ ପବିତ୍ର କୁରଆନ୍ ସଂପୂର୍ଣ୍ଣ ଶେଷ କରୁଥିଲେ ଏବଂ ଆଁହଜରତ ସ.ଅଙ୍କ ଜୀବନର ଶେଷ ରମଜାନ ମାସରେ ହ. ଜିବ୍ରାଇଲ୍ ଅ.ସଙ୍କ ସହିତ ଆଁହଜରତ ସ.ଅଙ୍କୁ ପବିତ୍ର କୁରଆନ୍ ଦୁଇଥର ଶେଷ କରିଥିଲେ । ତେଣୁ ଉକ୍ତ କଥାକୁ ଧ୍ୟାନ ରଖି ଆମମାନଙ୍କୁ ମଧ୍ୟ ଉକ୍ତ ମାସରେ ବିଶେଷ ରୂପେ ପବିତ୍ର କୁରଆନ୍ ପଢିବା ପ୍ରତି, ପବିତ୍ର କୁରଆନ୍‌ର ବ୍ୟାଖ୍ୟା ପଢିବା ଓ ଶୁଣିବା ପ୍ରତି ବିଶେଷ ରୂପେ ଧ୍ୟାନ ଦେବା ଉଚିତ୍ । ଏମ.ଟି.ଏରେ ମଧ୍ୟ ପବିତ୍ର କୁରଆନ୍‌ର ଦରସ୍ ପ୍ରସାରଣ କରାଯାଇଥାଏ। ତେଣୁ ସେହି ଦରସ୍‌କୁ ମଧ୍ୟ ଲୋକମାନଙ୍କୁ ଧ୍ୟାନପୂର୍ବକ ଶୁଣିବା ଉଚିତ । ପବିତ୍ର କୁରଆନ୍ ସହିତ ଏହାର ଅନୁବାଦ ଓ ତାହାର ବ୍ୟାଖ୍ୟାକୁ ଯଦି ଆମେମାନେ ପଢୁ ତାହାହେଲେ ଆମେମାନେ ସେହି ଆଦେଶାବଳୀର ପ୍ରାସଙ୍ଗିକତା ତଥା ମହତ୍ୱକୁ ବୁଝି ପାରିବୁ ଯାହା ପବିତ୍ର କୁରଆନ୍‌ରେ ବର୍ଣ୍ଣିତ ହୋଇଛି । ସେହି ଆଦେଶାବଳୀଗୁଡ଼ିକୁ ନିଜ ଜୀବନର ଅଭିନ୍ନ ଅଙ୍ଗ ରୂପେ ଆମେମାନେ ପରିଗଣିତ କରିପାରିବୁ । ନିଜ ଜୀବନକୁ ପବିତ୍ର କୁରଆନ୍‌ର ଶିକ୍ଷାନୁଯାୟୀ ପରିଚାଳିତ କରିବାକୁ ସକ୍ଷମ ହୋଇ ପାରିବୁ ଏବଂ ଅଲ୍ଲାଃତାଲାଙ୍କର କୃପାକୁ ପ୍ରାପ୍ତକାରୀ ବ୍ୟକ୍ତି ମଧ୍ୟରେ ଅନ୍ତର୍ଭୁକ୍ତ ହୋଇପାରିବୁ । ଅତଃ ଆମେମାନେ ଯଦି ରମ୍‌ଜାନ୍ ଠାରୁ ପ୍ରକୃତ ରୂପେ ଉପକୃତ ହେବାକୁ ଚାହୁଁଛେ ତେବେ ଆମମାନଙ୍କୁ କୁରଆନ୍‌ର ତିଲାଓ୍ୱତ୍ ଓ ପବିତ୍ର କୁରଆନ୍ ଉପରେ ଅଧିକ ଧ୍ୟାନ ଦେବାର ବିଶେଷ ଆବଶ୍ୟକତା ରହିଛି । ହ. ମସିହ୍ ମଉଦ୍ ଅ.ସଙ୍କ ଆଦେଶବଳୀଗୁଡ଼ିକୁ

ବାରମ୍ବାର ପଢିବାର ଆବଶ୍ୟକତା ରହିଛି । କାରଣ ଆମେମାନେ ପ୍ରକୃତ ରୂପେ ପବିତ୍ର କୁରଆନ୍‌ର ଶିକ୍ଷା ଯେପରି ହୃଦ୍‌ବୋଧ ପ୍ରାପ୍ତ କରିପାରିବୁ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, ଅଲ୍ଲାଃତାଲାଙ୍କ ବ୍ରହ୍ମଜ୍ଞାନମୂଳକ ପ୍ରସଙ୍ଗ ଓ ଆଦେଶାବଳୀ ଦୁଇ ଭାଗରେ ବିଭକ୍ତ ଅଟେ । ଅର୍ଥାତ କେତେକ ଆଦେଶାବଳୀ ସାର୍ବକାଳୀକ ଏବଂ ସ୍ଥାୟୀ ହୋଇଥିବା ବେଳେ ଆଉ କେତେକ ଆଦେଶାବଳୀ ସାମୟିକ ଆବଶ୍ୟକତା ଅନୁଯାୟୀ ପ୍ରଣୀତ ହୋଇଥାଏ । ଯଦିଓ ନିଜର ସ୍ଥାନ ଅନୁଯାୟୀ ତହିଁରେ ନିରନ୍ତରତାର ଏକ ଦିଗ ନିହିତ ରହିଛି । ଉଦାହରଣ ସ୍ୱରୂପ ଯାତ୍ରା ସମୟରେ ଓଷା ଓ ନମାଜ ସମ୍ବନ୍ଧରେ ଏକ ପ୍ରକାର ଆଦେଶାବଳୀ ଥିବା ବେଳେ ଏବଂ ଅବସ୍ଥାନ ଦିନରେ ଭିନ୍ନ ଆଦେଶାବଳୀର ଉଲ୍ଲେଖ ରହିଛି । ଯାତ୍ରା ସମୟରେ ନମାଜ ଏକତ୍ର କରି ପାଠ କରିବା ଅବା ସଂକ୍ଷିପ୍ତ କରିବାର ଅନୁମତି ପବିତ୍ର କୁରଆନ୍‌ରେ ରହିଥିବା ବେଳେ, ସାମାନ୍ୟ ପରିସ୍ଥିତିରେ ପୂର୍ଣ୍ଣ ନମାଜ ପଢିବାର ଆଦେଶ ରହିଛି । ଆପଣ ଅ.ସ କୁହନ୍ତି, ତୌରାତ୍ ଓ ଇଞ୍ଜିଲ୍‌ର ଆଦେଶାବଳୀ ସାମୟିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଣୀତ ହୋଇଥିଲା ଏବଂ ଆଁହଜରତ ସ.ଅ ଯେଉଁ ଧର୍ମବିଧାନ ନେଇ ଅବତୀର୍ଣ୍ଣ ହୋଇଥିଲେ ତାହା ସାର୍ବକାଳୀକ ଓ ଚୂଡ଼ାନ୍ତ ଧର୍ମବିଧାନ ସମ୍ବଳିତ ଗ୍ରନ୍ଥ ଅଟେ । କୁରଆନ୍‌ରେ ଯାହାକିଛି ବର୍ଣ୍ଣିତ ହୋଇଛି ତାହା ପୂର୍ଣ୍ଣ ଓ ପର୍ଯ୍ୟାପ୍ତ ଅଟେ । ପବିତ୍ର କରୁଆନ୍ ସାର୍ବକାଳୀକ ନିୟମଭିତ୍ତିକ ଗ୍ରନ୍ଥ ଅଟେ । ପବିତ୍ର କୁରଆନ୍ ଯଦି ଅବତୀର୍ଣ୍ଣ ହୋଇ ନଥାଆନ୍ତା ତେବେ ତୌରାତ୍ ଏବଂ ଇଞ୍ଜିଲ୍ ଆଦି ଧର୍ମଗ୍ରନ୍ଥ ନିଶ୍ଚିହ୍ନ ହୋଇ ଯାଇଥାଅନ୍ତା । କାହିଁକି ନା ଉଭୟ ପୁସ୍ତକ ସାର୍ବକାଳୀକ ନିୟମାଭିତ୍ତିକ ଧର୍ମଗ୍ରନ୍ଥ ନଥିଲେ । ଅପରପକ୍ଷେ ପବିତ୍ର କୁରଆନ୍ ଏକ ସମ୍ପୂର୍ଣ୍ଣ ଧର୍ମଗ୍ରନ୍ଥ ଏବଂ ଏହାର ଶିକ୍ଷା ଚିର ସ୍ଥାୟୀ ଏବଂ ଏହାର ଆଦେଶାବଳୀ ପ୍ରତ୍ୟେକ ଯୁଗ ନିମନ୍ତେ ଉପଯୁକ୍ତ ଅଟେ । ନିଜ ଆଗମନର ଅଭିପ୍ରାୟ ଏବଂ କୁରଆନ୍ ସଂପୂର୍ଣ୍ଣ ଧର୍ମବୈଧାନିକ ଗ୍ରନ୍ଥ ହେବା ସଂକ୍ରାନ୍ତରେ ଆପଣ ଅ.ସ କୁହନ୍ତି, ମୋର ଆଗମନର ଅଭିପ୍ରାୟ କେବଳ ଇସ୍‌ଲାମ୍ ଧର୍ମର ପୁନରୁଦ୍ଧାର ଓ ସମର୍ଥନ ଅଟେ । ଆଁହଜରତ ସ.ଅଙ୍କ ଉପରେ ଧର୍ମବିଧାନ ଶେଷ ହୋଇଯାଇଛି । ବର୍ତ୍ତମାନ ଅନ୍ୟ କୌଣସି ଧର୍ମବିଧାନ କିମ୍ବା ନିୟମାବଳୀ ସମ୍ବଳିତ ପୁସ୍ତକ ଆସି ପାରିବ ନାହିଁ । କୁରଆନ୍ ଚୂଡ଼ାନ୍ତ ଓ ସିଦ୍ଧାନ୍ତଭିତ୍ତିକ ଧର୍ମଗ୍ରନ୍ଥ । ତହିଁରେ କାଣୀଚିଏ ଏବଂ ବିନ୍ଦୁଟିଏ ଉଣା ଅଧିକ କରିବାର ସମ୍ଭାବନା ଆଉ ନାହିଁ । କିନ୍ତୁ ଆଁହଜରତ ସ.ଅଙ୍କ କଲ୍ୟାଣ ଓ କୃପା ତଥା କୁରଆନୀୟ ଶିକ୍ଷା ଏବଂ ମାର୍ଗଦର୍ଶନର ଫଳର ଅନ୍ତ ଘଟି ନାହିଁ । ତାହା ପ୍ରତ୍ୟେକ ଯୁଗ ପାଇଁ ସଦ୍ୟତମ ରୂପେ ଆମ ନିକଟରେ ଉପସ୍ଥିତ ଓ ବିଦ୍ୟମାନ ରହିଛି । ସେହି କଲ୍ୟାଣ ତଥା କୃପାର ପ୍ରମାଣ ସକାଶେ ଅଲ୍ଲାଃତାଲା ମୋତେ ଛିଡ଼ା କଲେ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ଆଁହଜରତ ସ.ଅ ଅଲ୍ଲାଃତାଲାଙ୍କ ଠାରୁ (ଐଶୀ) ଜ୍ଞାନ ପ୍ରାପ୍ତ କରି ସମସ୍ତଙ୍କୁ ସମ୍ବୋଧିତ କରି କହିଲେ, (୧୫୯:الاعراف) قُلْ يٰاَيُّهَا النَّاسُ اِنِّيْ رَسُوْلُ اللّٰهِ اِلَيْكُمْ جَمِيْعًا ଅର୍ଥାତ ହେ ମୁହମ୍ମଦ ! ତୁମ୍ଭେ କହିଦିଅ କି ହେ ମାନବଜାତି ! ନିଃସନ୍ଦେହ ରୂପେ ମୁଁ ତୁମମାନଙ୍କ ଆଡ଼କୁ ପ୍ରଭୁଙ୍କ ବାର୍ତ୍ତାବହ ରୂପେ ପ୍ରେରିତ ହୋଇଅଛି । ଅତଃ ଏହା ଆବଶ୍ୟକ ଥିଲା ଯେ, ପବିତ୍ର କୁରଆନ ସେହି ସମସ୍ତ ଶିକ୍ଷାର ଏକକ ଓ ସମାହାର ହେଉ । କାରଣ ସେହି ପୂର୍ବ ଗ୍ରନ୍ଥଗୁଡ଼ିକ ସମୟେ ସମୟେ ଜାରି ହୋଇ ଆସୁଥିଲା ଏବଂ ସେହି ସମସ୍ତ ସତ୍ୟତାକୁ ନିଜ ମଧ୍ୟରେ ଧାରଣ କରି ରଖୁ ଯାହା ଆକାଶରୁ ବିଭିନ୍ନ ଅବତାରମାନଙ୍କ ମାଧ୍ୟମରେ ଭୂପୃଷ୍ଠବାସୀଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ଦିଆଯାଇଥିଲା । କୁରଆନ୍ ଦୃଷ୍ଟିରେ ସମସ୍ତ ମାନବ ଜାତି ମନୁଷ୍ୟ ଅଟନ୍ତି । ଅର୍ଥାତ **ବସୁଧୈବ କୁଟୁମ୍ବକମ୍** । ନା କି କୌଣସି ଜାତି ବିଶେଷ ଓ ଦେଶ ଓ ନା କି କୌଣସି କାଳ ନିର୍ଦ୍ଦିଷ୍ଟ ବିଶିଷ୍ଟ ଅଟେ । ଅଲ୍ଲାଃତାଲଙ୍କ ଠାରୁ ଆଦେଶ ପ୍ରାପ୍ତ କରି ଆପଣ ସ.ଅ ଏହି ଘୋଷଣା କଲେ, ମୁଁ ସମଗ୍ର ମାନବ ଜାତି ଓ ସମଗ୍ର ମର୍ତ୍ତ୍ୟମଣ୍ଡଳବାସୀଙ୍କ ନିମନ୍ତେ ଅବତାର ଅଟେ । ଉପରୋକ୍ତ କଥନଟି ସେହି କଥାର ଜ୍ୱଳନ୍ତ ପ୍ରମାଣ ଯେ, କୁରଆନ୍ କରୀମ୍ ସମଗ୍ର ସଂସାରବାସୀଙ୍କ ସକାଶେ ମାର୍ଗଦର୍ଶନର ଏକ ଉତ୍କୃଷ୍ଟ ମାଧ୍ୟମ ଅଟେ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି : କୁର୍‌ଆନ୍ ବ୍ରହ୍ମଜ୍ଞାନଭିତ୍ତିକ ଗ୍ରନ୍ଥ ଓ ସାର୍ବକାଳୀକ ଧର୍ମବିଧାନ ଏବଂ ସମସ୍ତ ପ୍ରକାରର ଜ୍ଞାନର ଗନ୍ତାଘର ଅଟେ । ଏହିପରି ଭାବରେ ଦେଖିବାକୁ ଗଲେ ପବିତ୍ର କୁରଆନ୍‌ର ପ୍ରଥମ ଚମତ୍କାର ହେଲା ସର୍ବୋଚ୍ଚ ସ୍ତରୀୟ ଶିକ୍ଷା । କୁରଆନ୍‌ର ଦ୍ୱିତୀୟ ଚମତ୍କାର ତାହାର ମହାନ ଭବିଷ୍ୟବାଣୀ ଅଟେ । ଆଁହଜରତ ସ.ଅଙ୍କ ସମଗ୍ର ମକ୍କୀୟ ଜୀବନ ଭବିଷ୍ୟତବାଣୀ ଦ୍ୱାରା ପରିପୂର୍ଣ୍ଣ । ପୁନଶ୍ଚ ୧୩୦୦ ଶତାବ୍ଦୀ ପରେ ସ୍ଥାପିତ ହେବାକୁ ଥିବା ସଂପ୍ରଦାୟ ଓ ତତ୍କାଳୀନ ଲକ୍ଷଣ, ଚିହ୍ନ ତଥା ନିଦର୍ଶନ ଆଦିର ଭବିଷ୍ୟତବାଣୀଗୁଡ଼ିକ କିଭଳି ଭବ୍ୟ ଓ ଦୁର୍ଲଭ ! ଅର୍ଥାତ ହ. ମସିହ୍ ମଉଦ୍ ଅ.ସଙ୍କ କାଳୀନ ଭବିଷ୍ୟତବାଣୀଗୁଡ଼ିକ ଅଦ୍ୟାବଧୀ ସେହି ଭବ୍ୟତାର ସହିତ ପୂର୍ଣ୍ଣ ହେଉଅଛି । ପୃଥିବୀର କୌଣସି ଧର୍ମଗ୍ରନ୍ଥ ଉକ୍ତ

ଭବିଷ୍ୟତବାଣୀଗୁଡ଼ିକର ମୁକାବିଲା କରିପାରିବେ ନାହିଁ । ଆପଣ ଅ.ସ କୁହନ୍ତି. ପବିତ୍ର କୁରଆନ୍ ଅନନ୍ୟ ରୂପେ ଏକ ତାଗିଦ୍ ଅଟେ । କାରଣ ବୁଦ୍ଧି, ବୋଧ, ଧ୍ୟାନ ଏବଂ ବିଶ୍ୱାସକୁ ବିନିଯୋଗ କରାଯାଉ । ଏହି ପ୍ରସଙ୍ଗ ହିଁ କୁରଆନ୍ ଓ ଅନ୍ୟ ଗ୍ରନ୍ଥ ମଧ୍ୟରେ ଏକ ଅନନ୍ୟ ଓ ଜାଜ୍ୱଲ୍ୟମୟ ପାର୍ଥକ୍ୟ ରୂପେ ବିବେଚିତ । ଅନ୍ୟ କୌଣସି ଧର୍ମଗ୍ରନ୍ଥ ନିଜର ଶିକ୍ଷା, ବୁଦ୍ଧି ବିବେକ ଆଦିକୁ ସ୍ୱାଧୀନ ଭାବରେ ସମାଲୋଚକ ରୂପେ ଉପସ୍ଥାପିତ କରିବାର ଦୁଃସାହସ କରି ନାହାନ୍ତି । କୁରଆନ୍ ହିଁ ଏକ ସୁରକ୍ଷିତ ଧର୍ମଗ୍ରନ୍ଥ । ଅଲ୍ଲାଃତାଲା କୁହନ୍ତି ଯେ, ନିଃସନ୍ଦେହ ଏହା ଏକ ସମ୍ମାନସ୍ପଦ ଧର୍ମଗ୍ରନ୍ଥ ଅଟେ । ଏହାର ଅସ୍ତିତ୍ୱ କେବଳ କାଗଜର ପୃଷ୍ଠା ମଧ୍ୟରେ ସୀମିତ ନାହିଁ । ବରଂ ତାହା ଏକ ଲୁକ୍କାୟିତ ପୁସ୍ତକରେ ବିଦ୍ୟମାନ ରହିଛି ଏବଂ ସେହି ପୁସ୍ତକକୁ ସ୍ୱଭାବିକ ସ୍ୱଭାବ ବୋଲି କୁହନ୍ତି । ପବିତ୍ର କୁରଆନ୍‌ର ଶିକ୍ଷା କଥା ଓ କାହାଣୀ ନୁହେଁ ଯେ, ତାହା ଲିଭିଯିବ । ବରଂ ଯେଉଁ ବ୍ୟକ୍ତି ଉକ୍ତ ଗ୍ରନ୍ଥକୁ ବୁଝିବ ଏବଂ ଏହାର ଆଦେଶାବଳୀ ଅନୁଯାୟୀ କାର୍ଯ୍ୟକାରୀ କରିବ ସେହି ବ୍ୟକ୍ତି ହିଁ ପ୍ରଭୁଙ୍କର କୃପାକୁ ପ୍ରାପ୍ତ କରିପାରିବ । ଏହାର ଗୂଢ ରହସ୍ୟ ପବିତ୍ର ବ୍ୟକ୍ତିମାନଙ୍କ ଉପରେ ହିଁ ଉନ୍ମୋଚିତ ହୋଇଥାଏ ଏବଂ ଏଥିପାଇଁ ସାଧୁଜନଙ୍କ ଗହଣରୁ ଉପକୃତ ହେବାର ଆବଶ୍ୟକତା ରହିଛି । ସାଂପ୍ରତିକ ଯୁଗରେ ହ. ମସିହ୍ ମଉଦ୍ ଅ.ସ ହିଁ ସେହି ପବିତ୍ର ମହାପୁରୁଷ ତଥା ଯୁଗାବତାର ଅଟନ୍ତି ଯେ କି ଅଲ୍ଲାଃତାଲାଙ୍କ ଠାରୁ ଜ୍ଞାନ ଓ ସୂଚନା ପ୍ରାପ୍ତ କରି ଯେଉଁ କୋଟିନିଧିମୂଳକ ଜ୍ଞାନ ବର୍ଣ୍ଣନା କରିଛନ୍ତି ସେହି ଜ୍ଞାନକୁ ଆମେମାନେ ନିଜ ସମ୍ମୁଖରେ ରଖି ଏହା ଉପରେ ବିଚାର କରିବା ଉଚିତ ।

ଆପଣ ଅ.ସ କୁହନ୍ତି : ପବିତ୍ର କୁରଆନ୍ କରୀମ୍‌ର ନାମ ଜିକର୍ ରଖା ଯାଇଛି । ଏଣୁ ତାହା ମନୁଷ୍ୟର ଅନ୍ତରୀଣ ଧର୍ମବିଧାନକୁ ସ୍ମରଣ କରାଇଥାଏ । ଯାହାକି ମନୁଷ୍ୟ ମଧ୍ୟରେ ବିଭିନ୍ନ ଶକ୍ତି ଆକାରରେ ଗଚ୍ଛିତ ହୋଇ ରହିଛି । ଯଥା- କୋମଳତା, ବିନୀତତା, ବଳିଦାନ, ସାହାସିକତା, ବଳପୂର୍ବକତା, କ୍ରୋଧ, ମିତବ୍ୟୟିତା ଇତ୍ୟାଦି ଇତ୍ୟାଦି । ଏଣୁ ମନୁଷ୍ୟ ସ୍ୱଭାବରେ ଯେଉଁସବୁ ଗୁଣାବଳୀଗୁଡ଼ିକ ଲୁକ୍କାୟିତ ହୋଇ ରହିଥିଲା ସେହି ସବୁ ଗୁଣାବଳୀଗୁଡ଼ିକୁ ପବିତ୍ର କୁରଆନ୍ ପୁନଃ ସ୍ମରଣ କରାଇ ଦେଇଛି ଓ ଉପସ୍ଥାପନ ମଧ୍ୟ କରିଦେଇଛି । ଅଲ୍ଲାଃତାଲା କହିଲେ, ପବିତ୍ର କୁରଆନ୍ ଉପରେ ଚିନ୍ତନ କର, ଏହା ଉପରେ କାର୍ଯ୍ୟାନୁସରଣ କରିବା ଫଳରେ ତୁମେ ସର୍ବୋଚ୍ଚ ସ୍ତରରେ ଉପନୀତ ହୋଇପାରିବ । ଅତଃ ଉକ୍ତ ଦୃଷ୍ଟିକୋଣ ଅନୁଯାୟୀ ଆମମାନଙ୍କୁ ପବିତ୍ର କୁରଆନ ପାଠ କରିବା ଓ ବୁଝିବା ଉଚିତ । ଆଜିକାଲି ସ୍ୱାଧୀନତା ନାଁରେ ପିଲା ଓ ବଡ଼ ଲୋକମାନଙ୍କ ମସ୍ତିଷ୍କରେ ଯେଉଁସବୁ ବିଷ ମିଶ୍ରଣ କରାଯାଉଛି ସେହି ବିଷ ଠାରୁ ଆମେମାନେ ନିଜକୁ ସୁରକ୍ଷିତ ରଖି ପାରିବୁ। ଅର୍ଥାତ ପବିତ୍ର କୁରଆନ୍ ପାଠ କରିବା ଫଳରେ ସେହି ବିଷ ଠାରୁ ଦୂରେଇ ରହିପାରିବା । ଆମେମାନେ ଦି ଜମାଅତ୍‌ର ସାହିତ୍ୟ, ପ୍ରବନ୍ଧାଦି ଓ ପବିତ୍ର କୁରଆନ୍‌ର ବ୍ୟାଖ୍ୟା ପଢିବୁ ତେବେ ଅଭିଭାବକମାନେ ନିଜ ସନ୍ତାନମାନଙ୍କର ପ୍ରଶ୍ନର ଉତ୍ତର ମଧ୍ୟ ଅତି ସହଜରେ ଦେଇ ପାରିବେ । ବର୍ତ୍ତମାନ ସେହି ସମୟଟି ଆସିଯାଇଅଛି ଯାହା ସଂପର୍କରେ ଆଁହଜରତ ସ.ଅ ଭବିଷ୍ୟତବାଣୀ କରିଥିଲେ ଯେ, ଲୋକମାନେ କୁରଆନ୍ ତ' ପଢିବେ କିନ୍ତୁ ତାହା ସେମାନଙ୍କ ଗଳା ତଳକୁ ଖସିବ ନାହିଁ ଅର୍ଥାତ ସେମାନେ ଏହାର ଆଦେଶବଳୀକୁ କାର୍ଯ୍ୟକାରୀ କରିବେ ନାହିଁ । ଏହି ସମସ୍ତ ଦୃଶ୍ୟକୁ ଆମେମାନେ ସ୍ୱଚକ୍ଷୁରେ ଅବଲୋକନ କରୁଛେ ଯେ, ପୃଥିବୀରେ ଅସଂଖ୍ୟ ପବିତ୍ର କୁରଆନକୁ ଆବୃତ୍ତି କରୁଥିବା ବ୍ୟକ୍ତିମାନେ ଅଛନ୍ତି, କିନ୍ତୁ ସେମାନେ ପବିତ୍ର କୁରଆନ୍ ଉପରେ କାର୍ଯ୍ୟାନୁସରଣ କରୁ ନାହାନ୍ତି । ଏପରି ହୁଅନ୍ତା କି ମୁସଲମାନମାନଙ୍କ ମୁଣ୍ଡରେ ହେଜ ପଶନ୍ତା କି ସେମାନେ ସେହି ବ୍ୟକ୍ତି ଆଡ଼କୁ ଧ୍ୟାନ ଦିଅନ୍ତେ ଯେଉଁ ବ୍ୟକ୍ତିକୁ ସ୍ୱୟଂ ପ୍ରଭୁ ପ୍ରେରଣ କରିଛନ୍ତି ସେମାନେ ସେହି ଯୁଗାବତାରଙ୍କ କଥାକୁ ଶୁଣନ୍ତୁ, ନିଜର ଆଭ୍ୟନ୍ତରୀଣ ଅବସ୍ଥାକୁ ଅନୁଧ୍ୟାନ କରନ୍ତୁ, ଯୁଗର ଆବଶ୍ୟକତାକୁ ହୃଦୟଙ୍ଗମ କରନ୍ତୁ, ମୁସଲମାନମାନଙ୍କର ସାମୂହିକ ଅବସ୍ଥାକୁ ଦେଖନ୍ତୁ, କେବଳ ପ୍ରକାଶ୍ୟଗତ ଫତ୍‌ୱା (ଧର୍ମାଜ୍ଞା) ଉପରେ ଜୋର ଦେଇ ଇସ୍‌ଲାମ୍ ଧର୍ମକୁ ବଦ୍‌ନାମ କରିବା ପାଇଁ ଅପଚେଷ୍ଟା କରନ୍ତୁ ନାହିଁ । ପବିତ୍ର କୁରଆନ୍‌ର ବାସ୍ତବତାକୁ ହୃଦୟଙ୍ଗମ କରନ୍ତୁ । ସେ ଯାହା ହେଉ ନା କାହିଁକି ଆମ ଅହେମଦିମାନଙ୍କୁ ସର୍ବଦା ନିଜର ଆତ୍ମ ସମୀକ୍ଷା କରିବା ଉଚିତ ଯେ, ଆମେମାନେ କେତେଦୂର ପର୍ଯ୍ୟନ୍ତ ପବିତ୍ର କୁରଆନ୍‌ର ଶିକ୍ଷାକୁ ବୁଝିଛୁ ଓ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରୟାସ କରୁଅଛୁ ? ଆଜିକାଲି ସାମାଜିକ ଗଣମାଧ୍ୟମରେ କେତେକ ଛୋଟ ଛୋଟ କାର୍ଯ୍ୟକ୍ରମ ଅବା ଭିଡ଼ିଓ କ୍ଲିପ୍‌ରୁ ଜଣାପଡୁଛି ଯେ, ଲୋକମାନଙ୍କୁ ଇସ୍‌ଲାମ୍ ଧର୍ମର ପ୍ରାରମ୍ଭିକ ଶିକ୍ଷାର ସାମାନ୍ୟତମ ଜ୍ଞାନ ମଧ୍ୟ ନାହିଁ ଏବଂ ମୁସଲମାନମାନେ ଇସ୍‌ଲାମ୍ ଧର୍ମର ଇତିହାସ ସଂପର୍କରେ ଅବଗତ ନାହାନ୍ତି । ଅତଃ ଲୋକମାନେ ମୌଲବୀମାନଙ୍କର ପ୍ରରୋଚନାରେ ପଡ଼ି ନବୀଙ୍କ ସମ୍ମାନ କିମ୍ବା କୁରଆନ୍ ଅବା ସାହାବାମାନଙ୍କର ନାଁକୁ ଆୟୁଧ କରି ଜମାଅତ୍ ଅହେମଦିୟା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଏବଂ ଅହେମଦିମାନଙ୍କର କ୍ଷୟକ୍ଷତି ଘଟାଇବା ପାଇଁ ଉଦ୍ୟମ କରିଥାନ୍ତି । ବାଂଲାଦେଶରୁ ହିଁ ଜଣେ ବ୍ୟକ୍ତି ମୋ ନିକଟକୁ ଏକ ପତ୍ର

ଲେଖିଲେ ଯେ, ଯେତେବେଳେ ବିରୋଧୀମାନଙ୍କର ଭିଡ଼ ମାଡ଼ି ଆସିଲା ଏବଂ ସେମାନେ ଆମମାନଙ୍କ ଉପରେ ଆକ୍ରମଣ କଲେ ସେତେବେଳେ ସେମାନଙ୍କ ମଧ୍ୟରୁ ଜଣେ ବାଳକ ଆମ ଉପରକୁ ଟେକା ଫିଙ୍ଗୁଥିଲା । ଆମର ଜଣେ ଅହେମଦି ବ୍ୟକ୍ତି ଉକ୍ତ ବାଳକକୁ କହିଲେ ବା ପଚାରିଲେ ଯେ, କ'ଣ କୁରଆନ୍‌ରେ ଟେକା ଫିଙ୍ଗିବା ସଂପର୍କରେ ଲେଖାଅଛି ଯେ, ଅହେମଦି ଅବା ଅନ୍ୟ ଲୋକମାନଙ୍କ ଉପରକୁ ଟେକା ଫିଙ୍ଗ ? କ'ଣ ଇସ୍‌ଲାମ୍ ଧର୍ମ ଏହି ଶିକ୍ଷା ଦେଇଛି ଯେ, ନିରୀହ ଲୋକମାନଙ୍କ ଉପରକୁ ଟେକା ଫିଙ୍ଗିବ ଓ ସେମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରିବ ? ଅହେମଦି ବ୍ୟକ୍ତି ଜଣକ କହିଲେ, ଆମେ ତ' କଲ୍‌ମା ଉଚ୍ଚାରଣକାରୀ ଅଟୁ । ସୁତରାଂ ସେହି ବାଳକଟି ବୁଝିଗଲା ଏବଂ ପଥର ତଳେ ପକାଇ ଦେଲା । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏଭଳି ଲୋକମାନେ ମୌଲବୀମାନଙ୍କ କଥାରେ ପଡ଼ି ଉତ୍ତେଜିତ ହୋଇ ଉଠିଥାନ୍ତି । ଅଲ୍ଲାଃତାଲା ସେହି ଉପଦ୍ରବକାରୀ ଓ ଉତ୍ତେଜନାକାରୀରଙ୍କ ଠାରୁ ଆମମାନଙ୍କୁ ସୁରକ୍ଷିତ ରଖନ୍ତୁ ଏବଂ ଆମମାନଙ୍କୁ ଏହି ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେ, ଆମେମାନେ କେବଳ ରମ୍‌ଜାନ୍ ମାସରେ ନୁହେଁ ବରଂ ପରେ ମଧ୍ୟ କୁରଆନ୍‌କୁ ଭଲ ଭାବରେ ବୁଝିବା ଏବଂ ଶିଖିବା ଓ ଏହାକୁ କାର୍ଯ୍ୟକାରୀ କରିବା ବ୍ୟକ୍ତି ରୂପେ ବିବେଚିତ ହେବା ନିମନ୍ତେ ଆମମାନଙ୍କୁ ସାମର୍ଥ୍ୟ ପ୍ରାପ୍ତ ହେଉ ।

ହୁଜୁର ଅନୱର୍ ଅ.ବ କହିଲେ: ରମ୍‌ଜାନ୍ ମାସରେ ଦୁଆ କରିବା ପ୍ରତି ବିଶେଷ ରୂପେ ଧ୍ୟାନ ଦିଅନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ଅହେମଦିକୁ ସମସ୍ତ ପ୍ରକାରର ଉପଦ୍ରବରୁ ସୁରକ୍ଷିତ ରଖନ୍ତୁ । ପ୍ରତ୍ୟେକ ଅହେମଦିକୁ ଅବିଚଳତା ପ୍ରଦାନ କରି ବିଶ୍ୱାସରେ ଅଭିବୃଦ୍ଧି କରନ୍ତୁ ଓ ଅଲ୍ଲାଃତାଲାଙ୍କ ଦୃଷ୍ଟିରେ ଯେଉଁ ବ୍ୟକ୍ତିମାନଙ୍କର ସଂଶୋଧନ ହୋଇପାରିବ ନାହିଁ ସେମାନଙ୍କୁ ଉଚିତ ଶାସ୍ତି ପ୍ରଦାନ କରି ସେମାନଙ୍କୁ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତମୂଳକ ନିଦର୍ଶନ କରିଦିଅନ୍ତୁ । କାରଣ ଅନ୍ୟ ଲୋକମାନେ ଅଲ୍ଲାଃତାଲାଙ୍କର ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣକାରୀ ବ୍ୟକ୍ତି ରୂପେ ବିବେଚିତ ହୁଅନ୍ତୁ । ପୃଥିବୀର ସାମଗ୍ରିକ ପରିସ୍ଥିତ ସାମାନ୍ୟ ହେବା ନିମନ୍ତେ ମଧ୍ୟ ପ୍ରାର୍ଥନା କରନ୍ତୁ । ଅଲ୍ଲାଃତାଲା ଯୁଦ୍ଧର ବିଭିଷୀକା ଠାରୁ ଜଗତକୁ ରକ୍ଷା କରନ୍ତୁ । ଆମିନ୍ ।

ଖୁତ୍‌ବା ଜୁମା ଶେଷରେ ହୁଜୁର ଅନୱର୍ ଅ.ବ ମୌଲାନା ମୁନୱର୍ ଅହେମଦ ଖୁର୍ଶିଦ୍ ସାହେବ ମୁବଲ୍ଲିଗ୍ ସିଲ୍‌ସିଲା ଓ ଇକ୍‌ବାଲ୍ ଅହେମଦ ମୁନୀର ସାହେବ ମୁବଲ୍ଲିଗ୍ ସିଲ୍‌ସିଲା ଅଫ୍ ପାକିସ୍ତାନଙ୍କର ବିୟୋଗ ତଥା ମୃତକ ଦ୍ୱୟଙ୍କ ସୁଗୁଣାବଳୀର ଚର୍ଚ୍ଚା କଲେ ଏବଂ ସେମାନଙ୍କର ଜମାଅତୀୟ ସେବାର ଚର୍ଚ୍ଚା କରିବା ପରେ କହିଲେ, ତୃତୀୟ ମୃତକ ହେଉଛନ୍ତି ସୟେଦା ନୁସ୍ରତ୍ ଜାହାଁ ବେଗମ୍ ସାହେବା । ସ୍ୱର୍ଗତା କାଦିୟାନର ମିଆଁ ଅବ୍‌ଦୁଲ୍ ଅଜିମ୍ ସାହେବ ଦର୍ୱେଶଙ୍କର ପତ୍ନୀ ଥିଲେ । ଦର୍ୱେଶୀ କାଳରେ ସ୍ୱର୍ଗତା ମିଆଁ ଅବ୍‌ଦୁଲ୍ ଅଜିମ୍ ସାହେବଙ୍କୁ ବିବାହ କରିଥିବା ପ୍ରଥମ ଓଡ଼ିଆ ମହିଳା ଥିଲେ । ସ୍ୱର୍ଗତା ନିଜ ସ୍ୱାମୀଙ୍କ ସହିତ ସରଳ, ଧୈର୍ଯ୍ୟପୂର୍ଣ୍ଣ ଏବଂ କୃତଜ୍ଞତାପୂର୍ଣ୍ଣ ଜୀବନ ଅତିବାହିତ କରିଥିଲେ । ନିୟମିତ ନମାଜ ପାଠକାରୀଣୀ ଓ ବ୍ରତଚାରୀଣୀ ମହିଳାଟିଏ ଥିଲେ । ଜଣେ ପୁଣ୍ୟବାନ ଓ ନୈଷ୍ଠିକା ମହିଳା ଥିଲେ । ସ୍ୱର୍ଗତା ନିୟମିତ ରୂପେ ପବିତ୍ର କୁରଆନ୍‌ର ତିଲାୱତ୍ କରୁଥିଲେ ଏବଂ ଅନ୍ୟମାନଙ୍କୁ କୁରଆନ୍ ପଢାଉଥିଲେ । ସେହିପରି ସେ ଅନେକ ପିଲାମାନଙ୍କୁ ଓ ମହିଳାମାନଙ୍କୁ ମଧ୍ୟ କୁରଆନ୍ କରୀମ ପଢାଇଥିଲେ । ଉପସ୍ଥିତ ଖଲିଫାଙ୍କ ସହିତ ତାଙ୍କର ବିଶେଷ ସଂପର୍କ୍ ରହିଥଲା । ସେ ନିଜ ପଛରେ ଚାରିଜଣ ପୁତ୍ର ସନ୍ତାନ ଏବଂ ଜଣେ କନ୍ୟା ସନ୍ତାନ ଛାଡ଼ି ଯାଇଛନ୍ତି । ସ୍ୱର୍ଗତା ଖୁର୍ଶିଦ ଅନ୍‌ୱର୍ ସାହେବଙ୍କର ଦ୍ୱିତୀୟ ମାତା (ସାବତ ମା) ଓ ଦୋସ୍ତ ମୁହମ୍ମଦ୍ ଶାହେଦ୍ ସାହେବ ଯେକି ଅହେମଦିୟା ଇତିହାସର ଲେଖକ, ତାଙ୍କର ଚାଚି ଥିଲେ । ଅଲ୍ଲାଃତାଲା ସମସ୍ତ ମୃତକଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ସେମାନଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ଆମିନ୍ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଇଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜ଼ିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜ଼କ୍ କରୁନା ଉଯ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜ଼ିକ୍‌ରୁଲ୍ଲାହି ଅକ୍‌ବର୍ ।**

....................................